# NATIONAL NEWS BULLETIN (ODIA)
## 25 November - 2024
## Morning Bulletin : 7.15 A.M.

*********************************

## ମୁଖ୍ୟ ସମ୍ବାଦ

- ସଂସଦର ଶୀତକାଳୀନ ଅଧିବେଶନ ଆଜିଠୁ ଆରମ୍ଭ ।

– ଅଧିବେଶନ କାଳରେ ଆଲୋଚନା ପାଇଁ ୧୬ଟି ବିଲ୍ ତାଲିକାଭୁକ୍ତ ।

- ନୂଆଦିଲ୍ଲୀ ଠାରେ ବିଶ୍ୱ ସମବାୟ ସମ୍ମିଳନୀକୁ ଆଜି ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ ।

- ମହାରାଷ୍ଟ୍ରରେ ସରକାର ଗଠନ ନେଇ ମହାୟୁତି ମେଣ୍ଟର ପ୍ରୟାସ ଜାରି ।

– ଆସନ୍ତାକାଲି ଶେଷ ହେଉଛି ଚଳିତ ସରକାରଙ୍କ କାର୍ଯ୍ୟକାଳ ।

- ଭାରତ ଇଟାଲୀକୁ ଏକ ପ୍ରମୁଖ ସହଯୋଗୀ ଭାବେ ପରିଗଣିତ କରିଥାଏ, କହିଲେ ବୈଦେଶିକ ବ୍ୟାପାର ମନ୍ତ୍ରୀ ।

ଏବଂ

- ପର୍ଥ ଟେଷ୍ଟରେ ଅଷ୍ଟ୍ରେଲିଆ ବିପକ୍ଷରେ ଭାରତର ସ୍ଥିତି ଦୃଢ଼ ।

# ପାର୍ଲାମେଣ୍ଟ ଓ୍ୱିଣ୍ଟର ସେସନ୍

ସଂସଦର ଶୀତକାଳୀନ ଅଧିବେଶନ ଆଜିଠାରୁ ଆରମ୍ଭ ହେଉଛି । ୨୬ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକ ଆସନ୍ତା ମାସ ୨୦ ତାରିଖ ପର୍ଯ୍ୟନ୍ତ ଚାଲିବା ନେଇ କାର୍ଯ୍ୟସୂଚୀ ସ୍ଥିର ହୋଇଛି । ଏହି ଅଧିବେଶନରେ ୧୯ଟି ବୈଠକ ଅନୁଷ୍ଠିତ ହେବ । ସମ୍ବିଧାନ ଦିବସ ପାଳନ ଅବସରରେ ଆସନ୍ତାକାଲିର ଅଧିବେଶନ ଅନୁଷ୍ଠିତ ହେବ ନାହିଁ । ସମ୍ବିଧାନ ସଦନର ସେଣ୍ଟ୍ରାଲ୍ ହଲ୍‌ରେ ଏଥିପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ୧୯୪୯ ମସିହା ନଭେମ୍ବର ୨୬ ତାରିଖରେ ସମ୍ବିଧାନ ଗୃହିତ ହୋଇଥିଲା । ଚଳିତ ଅଧିବେଶନରେ ଆଲୋଚନା ପାଇଁ ୧୬ଟି ବିଲ୍ ତାଲିକାଭୁକ୍ତ ହୋଇଛି । ସେଗୁଡ଼ିକ ମଧ୍ୟରେ ଭାରତୀୟ ବାୟୁ ଯାନ ବିଧେୟକ ୨୦୨୪, ବିପର୍ଯ୍ୟୟ ପରିଚାଳନା ସଂଶୋଧନ ବିଲ୍ ୨୦୨୪, ରେଳବାଇ ସଂଶୋଧନ ବିଲ୍ ଓ୍ୱାକଫ୍ ସଂଶୋଧନ ବିଲ୍ ଏବଂ ଭାରତୀୟ ବନ୍ଦର ବିଲ୍ ୨୦୨୪ ଆଦି ଅନ୍ତର୍ଭୁକ୍ତ । ଏହା ବ୍ୟତୀତ ଚଳିତ ବର୍ଷ ପାଇଁ ଅନୁଦାନ ଦାବି ଉପରେ ଆଲୋଚନା ହେବ ।

ସଂସଦର ଉଭୟ ସଦନର କାର୍ଯ୍ୟକୁ ଶାନ୍ତିଶୃଙ୍ଖଳା ତଥା ସୁରୁଖୁରୁରେ ସମ୍ପାଦନା ନେଇ ଗତକାଲି ନୂଆଦିଲ୍ଲୀ ଠାରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ସଂସଦୀୟ ବ୍ୟାପାର ମନ୍ତ୍ରୀ

କୀରଣ ରିଜିଜୁ କହିଛନ୍ତି, ଏହି ଅଧିବେଶନରେ ଯେକୌଣସି ପ୍ରସଙ୍ଗରେ ଆଲୋଚନା ପାଇଁ ସରକାର ପ୍ରସ୍ତୁତ ଅଛନ୍ତି । ବୈଠକରେ ୩୦ଟି ରାଜନୈତିକ ଦଳର ୪୨ ଜଣ ପ୍ରତିନିଧି ଅଂଶଗ୍ରହଣ କରିବା ସହ ସଂସଦ ପରିଚାଳନା ନେଇ ମତ ବିନିମୟ କରିଥିଲେ ବୋଲି ଶ୍ରୀ ରିଜିଜୁ ସୂଚନା ଦେଇଛନ୍ତି ।

## ଏଲ୍ଏସ୍ ସ୍ପିକର

ସଂସଦରେ ସକାରାତ୍ମକ ଏବଂ ଗଠନମୂଳକ ବିତର୍କରେ ଯୋଗଦାନ କରିବାକୁ ଲୋକସଭା ବାଚସ୍ପତି ଓମ୍ ବିର୍ଲା ସଂସଦର ସଦସ୍ୟମାନଙ୍କୁ ଅନୁରୋଧ କରିଛନ୍ତି । ଆକାଶବାଣୀ ସମ୍ବାଦ ବିଭାଗକୁ ଏକ ସ୍ୱତନ୍ତ୍ର ସାକ୍ଷାତ୍କାରରେ ଶ୍ରୀ ବିର୍ଲା ସଂସଦର ସର୍ବୋଚ୍ଚ ମାନର ଶୃଙ୍ଖଳା ପ୍ରତିଷ୍ଠା ଉପରେ ଗୁରୁତ୍ୱ ଦେଇଛନ୍ତି । ସମ୍ବିଧାନସଭାର ବିତର୍କ ଏବଂ ଆଲୋଚନାରୁ ପ୍ରେରଣା ନେଇ ଗୃହରେ ଶୃଙ୍ଖଳା ବଜାୟ ରଖିବାକୁ ସେ ସମସ୍ତ ସଦସ୍ୟଙ୍କୁ ପରାମର୍ଶ ଦେଇଛନ୍ତି । ସମାଜର ଅବହେଳିତ ଏବଂ ଗରିବ ବର୍ଗଙ୍କ ପାଇଁ ସଂରକ୍ଷଣର ଆବଶ୍ୟକତା ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସର୍ବଦା ଗୁରୁତ୍ୱ ପ୍ରଦାନ କରିଥା'ନ୍ତି । ସମ୍ବିଧାନ ଉପରେ ସମାଜର ପ୍ରତ୍ୟେକ ବର୍ଗର ଲୋକଙ୍କ ବିଶ୍ୱାସ ରହିଛି ବୋଲି ଶ୍ରୀ ବିର୍ଲା କହିଛନ୍ତି । ସୂଚନାଯୋଗ୍ୟ, ଶ୍ରୀ ବିର୍ଲାଙ୍କ ସହ ଏହି ସାକ୍ଷାତ୍କାର ଆଜି ସନ୍ଧ୍ୟା ୭ଟା ୧୦ ମିନିଟ୍‌ରେ ୧୦୦

ଦଶମିକ ୧ ଏଫ୍.ଏମ୍. ଗୋଲ୍ଡ ଚ୍ୟାନେଲ୍‌ରେ ଆକାଶବାଣୀ ସମ୍ବାଦର 'ସୁର୍ଖିଓଁ ମେଁ' କାର୍ଯ୍ୟକ୍ରମରେ ପ୍ରସାରଣ କରାଯିବ ।

## ପିଏମ୍-ବିଶ୍ୱ ସମବାୟ ସମ୍ମିଳନୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଆଇ.ସି.ଏ. ବିଶ୍ୱ ସମବାୟ ସମ୍ମଳନୀକୁ ଉଦ୍‌ଘାଟନ କରିବେ । ଆନ୍ତର୍ଜାତିକ ସମବାୟ ମେଣ୍ଟର ଦୀର୍ଘ ୧୩୦ ବର୍ଷର ଇତିହାସରେ ପ୍ରଥମଥର ପାଇଁ ଭାରତରେ ଏହି ସମ୍ମିଳନୀ ଆୟୋଜିତ ହେଉଛି । ଅନ୍ତର୍ଜାତୀୟ ସମବାୟ ବର୍ଷ ୨୦୨୫ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଏକ ସ୍ମାରକୀ ଟିକଟ ଉନ୍ମୋଚନ କରିବେ । ୬ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ସମ୍ମିଳନୀର ବିଷୟବସ୍ତୁ ହେଉଛି "ସମସ୍ତଙ୍କ ସମୃଦ୍ଧିରେ ସମବାୟ" । ଏହି କାର୍ଯ୍ୟକ୍ରମରେ ପ୍ରାୟ ୩ ହଜାର ବିଦେଶୀ ଓ ଭାରତୀୟ ପ୍ରତିନିଧି ଯୋଗଦେବେ । ସମଗ୍ର ବିଶ୍ୱର ସମବାୟ ସମିତିଗୁଡ଼ିକ ମଧ୍ୟରେ ଏହି ସମ୍ମିଳନୀରେ ବିଭିନ୍ନ ପ୍ରସଙ୍ଗ ନେଇ ମତ ବିନିମୟ ହେବ । ସମସ୍ତଙ୍କ ପାଇଁ ଏମ ସାମୂହିକ, ଶାନ୍ତିପୂର୍ଣ୍ଣ ଏବଂ ସମୃଦ୍ଧ ଭବିଷ୍ୟତ ଗଠନରେ ସମବାୟର ଭୂମିକା ନେଇ ଆଲୋଚନ ହେବ । ଭୂଟାନ ପ୍ରଧାନମନ୍ତ୍ରୀ ଦାସୋ ସେରିଙ୍ଗ୍ ତୋବଗେ ଏବଂ ଫିଜିର ଉପପ୍ରଧାନମନ୍ତ୍ରୀ ମନୋଆ କାମିକାମିକା ଏହି ସମ୍ମିଳନୀରେ ଯୋଗଦେବେ। ସୂଚନାଯୋଗ୍ୟ, ୧୮୯୫ ମସିହାରେ ଅନ୍ତର୍ଜାତୀୟ

ସମବାୟ ମେଣ୍ଟ ସ୍ଥାପନ କରାଯାଇଥିଲା । ଏଥିରେ ସମଗ୍ର ବିଶ୍ୱରୁ ପ୍ରାୟ ୧୦୦ କୋଟିରୁ ଅଧିକ ସମବାୟ ସଦସ୍ୟ ଅଛନ୍ତି ।

## ମହାରାଷ୍ଟ୍ର-ଗର୍ମେଣ୍ଟ ଫର୍ମେସନ୍

ମହାରାଷ୍ଟ୍ରରେ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ନେତୃତ୍ୱାଧୀନ ମେଣ୍ଟ ସରକାରଙ୍କ କାର୍ଯ୍ୟକାଳ ଆସନ୍ତାକାଲି ଶେଷ ହେବାକୁ ଯାଉଛି । ନୂଆ ସରକାର ଗଠନ ନେଇ ମହାୟୁତି ମେଣ୍ଟର ପ୍ରୟାସ ଜାରି ରହିଛି । ଶ୍ରୀ ସିନ୍ଦେ ଏବଂ ଏନ୍.ସି.ପି. ନେତା ଅଜିତ ପାଓ୍ୱାର ନିଜ ନିଜ ଦଳର ନବନିର୍ବାଚିତ ସଦସ୍ୟଙ୍କ ସହ ପୃଥକ ପୃଥକ ବୈଠକ କରିଛନ୍ତି । ବିଜେପି ନେତା ଚନ୍ଦ୍ରଶେଖର ବାଓ୍ୱନକୁଲେ ଗରମାଧମକୁ ସୂଚନା ଦେଇ କହିଛନ୍ତି, ୬ ଦଶନ୍ଧି ମଧ୍ୟରେ ପ୍ରଥମ ଥର ପାଇଁ ମହାରାଷ୍ଟ୍ର ବିଧାନସଭାରେ ବିରୋଧୀ ଦଳର ନେତା ରହିବେ ନାହିଁ ।

ଇତିମଧ୍ୟରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ, ରାଜ୍ୟପାଳ ସି.ପି. ରାଧାକ୍ରିଷ୍ଣନଙ୍କୁ ଭେଟି ନବନିର୍ବାଚିତ ସଦସ୍ୟଙ୍କ ତାଲିକା ଏବଂ ନିର୍ବାଚନ କମିଶନ୍‌ଙ୍କ ଏ ସଂକ୍ରାନ୍ତ ବିଜ୍ଞପ୍ତି ଦାଖଲ କରିଛନ୍ତି ।

ସୂଚନା ଯୋଗ୍ୟ ୨୮୮ ଆସନ ମଧ୍ୟରୁ ମହାୟୁତି ମେଣ୍ଟ ୨୩୫ଟି ଆସନରେ ବିଜୟୀ ହୋଇଥିବା ବେଳେ ମହାବିକାଶ ଅଘାଡ଼ି ୪୯ଟି ଆସନ ପାଇଛି ।

# ଜୟଶଙ୍କର

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର କହିଛନ୍ତି, ଭାରତ ଇଟାଲୀକୁ ଏକ ପ୍ରମୁଖ ସହଯୋଗୀ ଏବଂ ୟୁରୋପୀର ଏକ ଗୁରୁତ୍ୱପୂର୍ଣ୍ଣ ରାଷ୍ଟ୍ର ଭାବେ ପରିଗଣିତ କରିଥାଏ । ଭୂମଧ୍ୟସାଗରୀୟ ଅଞ୍ଚଳରେ ଇଟାଲୀ ପ୍ରଭାବଶାଳୀ ରାଷ୍ଟ୍ରର ମାନ୍ୟତା ପାଇଛି । ରୋମ ଠାରେ ଭାରତୀୟ ଦୂତାବାସ ନୂତନ କୋଠାକୁ ଉଦ୍‌ଘାଟନ କରିବା ଅବସରରେ ଡକ୍ଟର ଜୟଶଙ୍କର ଏହା କହିଛନ୍ତି । ସେ କହିଛନ୍ତି, ଭାରତ ଓ ଇଟାଲୀ ଦ୍ୱିପାକ୍ଷିକ ସମ୍ପର୍କ ଅତ୍ୟନ୍ତ ସୁଦୃଢ଼ ଏବଂ ପରିବ୍ୟାପ୍ତ । ବୈଶ୍ୱିକ ଦୃଷ୍ଟିକୋଣରୁ ଦୁଇ ଦେଶ ମଧ୍ୟରେ ସମନ୍ୱୟ ରହିଛି ଏବଂ ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ଏହି ସମ୍ପର୍କ ବିଶେଷ ସହାୟକ ହୋଇପାରିଛି । ପ୍ରସ୍ତାବିତ ଭାରତ-ମଧ୍ୟପ୍ରାଚ୍ୟ-ୟୁରୋପ ଅର୍ଥନୈତିକ କରିଡ଼ର ୟୁରୋପ ଓ ଏସିଆ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ହେବ ବୋଲି ଡକ୍ଟର ଜୟଶଙ୍କର ଆଶା ପ୍ରକାଶ କରିଛନ୍ତି ।

ସୂଚନା ଯୋଗ୍ୟ ତିନି ଦିନିଆ ଇଟାଲୀ ଗସ୍ତରେ ଯାଇ ଡକ୍ଟର ଜୟଶଙ୍କର ଗତକାଲି ରୋମ୍‌ରେ ପହଞ୍ଚିଛନ୍ତି । ଜି-୭ ବୈଦେଶିକ ମନ୍ତ୍ରୀମାନଙ୍କ ବୈଠକର ଆଉଟ୍ ରିଚ୍ ଅଧିବେଶନରେ ଯୋଗଦେବା ପାଇଁ ସେ ଇଟାଲୀର ଫିଉଗିକୁ ଗସ୍ତ କରିବେ । ଏହି ଅଧିବେଶନରେ ଯୋଗ ଦେବାପାଇଁ ଭାରତକୁ ଅତିଥି ରାଷ୍ଟ୍ର ଭାବେ ନିମନ୍ତ୍ରଣ କରାଯାଇଛି। ଗସ୍ତ

ସମୟରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ରୋମରେ ହେବାକୁ ଥିବା ମେଡିଟେରିଆନ୍ ଡାଏଲଗର ଦଶମ ସଂସ୍କରଣରେ ମଧ୍ୟ ଯୋଗ ଦେବେ ।

## ଓଡ଼ିଶା ପର୍ବ ୨୦୨୪

ଓଡ଼ିଶାର ସଂସ୍କୃତି 'ଏକ ଭାରତ, ଶ୍ରେଷ୍ଠ ଭାରତ'ର ଭାବନାକୁ ସଶକ୍ତ କରିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂଆଦିଲ୍ଲୀରେ ଅନୁଷ୍ଠିତ 'ଓଡ଼ିଶା ପର୍ବ-୨୦୨୪'ର ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇ କହିଛନ୍ତି । ଓଡ଼ିଶାର ସାଂସ୍କୃତିକ ସମୃଦ୍ଧି, ସ୍ଥାପତ୍ୟ ଓ ବିଜ୍ଞାନ ସବୁବେଳେ ସ୍ୱତନ୍ତ୍ର ରହିଆସିଛି । ଏହାକୁ ବିଶ୍ୱରେ ପ୍ରଚାର କରିବାପାଇଁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିବ ବୋଲି ପ୍ରଧାନମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି । ଓଡ଼ିଶା ଦେଶର ଖଣି ଓ ଧାତବ ଶକ୍ତିକେନ୍ଦ୍ର ହୋଇଥିବାବେଳେ ଏହାର ବ୍ୟାବସାୟିକ କ୍ଷେତ୍ରକୁ ପ୍ରୋତ୍ସାହିତ କରିବାପାଇଁ କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଆଗାମୀ ଦିନରେ ଓଡ଼ିଶାରେ ପୁଞ୍ଜିନିବେଶ କ୍ଷେତ୍ରକୁ ପ୍ରୋତ୍ସାହିତ କରାଯିବା ସହ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି ।

ଏହି ଅବସରରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ମୋଦି ସରକାରଙ୍କ 'ସବ୍‌କା ସାଥ୍, ସବ୍‌କା ବିକାଶ ମନ୍ତ୍ର'ର ଓଡ଼ିଶା ସବୁଠାରୁ ଲାଭାର୍ଥୀ ରାଜ୍ୟ । ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଏବଂ

୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନପାଇଁ ଆଗାମୀ ୨୩ ବର୍ଷ ପ୍ରତ୍ୟେକ ନାଗରିକଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱ ରହିବା ଉପରେ ଗୁରୁତ୍ୱାରୋପ କରିଥିଲେ।

କେନ୍ଦ୍ର ସୂଚନା ଓ ପ୍ରସାରଣ ଏବଂ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟିରେ ପୂର୍ବ ଭାରତରେ ଓଡ଼ିଶାର ସ୍ଥାନ ପ୍ରଥମ ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ଡିଜିଟାଲ୍ ଲାଇଫ୍ ସାର୍ଟିଫିକେଟ୍** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ପେନ୍‌ସନ୍ ଏବଂ ପେନ୍‌ସନ୍ ଭୋଗି କଲ୍ୟାଣ ବିଭାଗର ଯୁଗ୍ମ ସଚିବ ଧ୍ରୁବଜ୍ୟୋତି ସେନ୍‌ଗୁପ୍ତ, ଭାରତୀୟ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ୍‌ର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଆର୍. ବିଶ୍ୱେସଭରନ୍ ଏବଂ ଭାରତୀୟ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ୍‌ର ମୁଖ୍ୟ ପରିଚାଳକ ଏବଂ ବ୍ୟବସାୟ ବିଭାଗ ମୁଖ୍ୟ ଗୁରଶରଣ ରାଇ ବନସଲ ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ 011-23421050 ଓ 011-23314444 ନମ୍ବରକୁ ଡାଏଲ୍ କରି ପ୍ରଶ୍ନ ପଚାରି ପାରିବେ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍‌ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ କରିପାରିବେ ।

ଏହା ଆଜି ରାତି ୯ଟା ୩୦ ମିନିଟ୍‌ରେ ଆକାଶବାଣୀ ଗୋଲ୍ଡ ଚ୍ୟାନେଲ୍ ଓ ଅତିରିକ୍ତ ଫ୍ରିକୁଏନ୍ସ ଗୁଡ଼ିକରୁ ଶୁଣାଯାଇ ପାରିବ । ଏହା ବ୍ୟତୀତ ଆମର ୱେବ୍‌ସାଇଟ୍ news on air.gov.in ଏବଂ ୟୁଟ୍ୟୁବ୍ ଚ୍ୟାନେଲ୍ news on air official ରେ ଏହା ଉପଲବ୍ଧ ହେବ ।

## ବୈଷ୍ଣବ-ରେଲୱେ କର୍ମଚାରୀ

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମହାରଷ୍ଟ୍ରର ନାଗପୁର ସ୍ଥିତ ଅଜାନୀ ରେଳ ପଡ଼ିଆଠାରେ ଅନୁଷ୍ଠିତ ହେବାକୁ ଥିବା ସର୍ବଭାରତୀୟ ଅନୁସୂଚୀତ ଜାତି, ଜନାଜତି ରେଳ କର୍ମଚାରୀ ସଂଘର ଜାତୀୟ ସମ୍ମିଳନୀକୁ ସମ୍ବୋଧନ କରିବେ । କୋଭିଡ୍ ମହାମାରୀ କାରଣରୁ ଗତ ୫ ବର୍ଷ ଧରି ଏହି ସଂଗଠନର ଜାତୀୟ ସମ୍ମିଳନୀ ତଥା ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇପାରି ନ ଥିଲା । ଦୁଇ ଦିନ ଧରି ଚାଲିବାକୁ ଥିବା ଏହି ସମ୍ମିଳନୀରେ ସଂଘର ପ୍ରାୟ ୩୦ ହଜାର ସଦସ୍ୟ ଯୋଗ ଦେଉଛନ୍ତି ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି ।

## କ୍ରିକେଟ୍

ପର୍ଥ ଟେଷ୍ଟରେ ଅଷ୍ଟ୍ରେଲିଆ ବିରୁଦ୍ଧରେ ଭାରତର ସ୍ଥିତି ଦୃଢ଼ ରହିଛି । ବର୍ଡର ଗାଭାସ୍କର ଟ୍ରଫି କ୍ରିକେଟ୍ ସିରିଜ୍‌ର ଏହି ପ୍ରଥମ ଟେଷ୍ଟ ଅକ୍ତିଆର

କରିବାକୁ ଭାରତ ପ୍ରୟାସ ଜାରି ରଖିଛି । ଅଷ୍ଟ୍ରେଲିଆ ଆଜି ତାର ଦ୍ୱିତୀୟ ଇନିଂସର ତିନି ଓ୍ୱିକେଟ୍‌ରେ ୧୨ ରନ୍‌ରୁ ଖେଳ ଆରମ୍ଭ କରିବ । ଏହି ମ୍ୟାଚ୍‌ଟିକୁ ଜିତିବାପାଇଁ ଅଷ୍ଟ୍ରେଲିଆ ସମ୍ମୁଖରେ ୫୨୨ରନ୍ ବାକି ଥିବା ବେଳେ ଭାରତ ୭ଟି ଓ୍ୱିକେଟ୍ ଆବଶ୍ୟକ କରୁଛି । ଅଷ୍ଟ୍ରେଲିଆର ଦ୍ୱିତୀୟ ଇନିଂସର ଏ ପର୍ଯ୍ୟନ୍ତ ହରାଇଥିବା ତିନୋଟି ଓ୍ୱିକେଟ୍ ମଧ୍ୟରୁ ବୁମରା ଦୁଇଟି ଏବଂ ସିରାଜ ଗୋଟିଏ ଓ୍ୱିକେଟ୍ ଅକ୍ତିଆର କରିଛନ୍ତି ।

ସୂଚନା ଯୋଗ୍ୟ ଭାରତ ତାର ଦ୍ୱିତୀୟ ଇନିଂସରେ ୬ ଓ୍ୱିକେଟ୍‌ରେ ୪୮୭ରନ୍ ସଂଗ୍ରହ କରି ପାଳି ସମାପ୍ତି ଘୋଷଣା କରିଥିଲା । ଏଥିରେ ଯଶସ୍ୱୀ ଜୟସ୍ୱାଲଙ୍କ ୧୬୧ରନ୍ ଏବଂ ବିରାଟ କୋହଲିଙ୍କର ୧୦୦ରନ୍ ଅନ୍ତର୍ଭୁକ୍ତ । ଏହି ମ୍ୟାଚ୍‌କୁ ଜିତିବା ପାଇଁ ଭାରତ ଅଷ୍ଟ୍ରେଲିଆ ସମ୍ମୁଖରେ ଦ୍ୱିତୀୟ ଇନିଂସରେ ୫୩୪ରନ୍‌ର ଲକ୍ଷ୍ୟ ଧାର୍ଯ୍ୟ କରିଛି ।

## ଆଇପିଏଲ୍ ଅକସନ୍

ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍ ୨୦୨୫ ସଂସ୍କରଣ ପାଇଁ ନିଲାମ ପ୍ରକ୍ରିୟା ଜାରି ରହିଛି । ସାଉଦି ଆରବର ଜେଦାହ ସ୍ଥିତ ଅବ୍‌ଦି ଅଲ୍ ଜୋହର୍ ଏରେନା ଠାରେ ଅନୁଷ୍ଠିତ ନିଲାମ ପ୍ରକ୍ରିୟାରେ ରିଷଭ୍ ପନ୍ତ ଏବଂ ଶ୍ରେୟସ୍ ଆୟର୍ ଆଇ.ପି.ଏଲ୍. ଇତିହାସର ଏ ପର୍ଯ୍ୟନ୍ତ ସବୁଠୁ ମହଙ୍ଗା ଖେଳାଳି ଭାବେ ଉଭା ହୋଇଛନ୍ତି । ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ୍ ରିଷଭ୍ ପନ୍ତଙ୍କୁ ୨୭

କୋଟି ଟଙ୍କାରେ କିଣିଛି । ଶ୍ରେୟସ୍ ଆୟରଙ୍କୁ ୨୬ କୋଟି ୭୫ ଲକ୍ଷ ଟଙ୍କାରେ ପଞ୍ଜାବ କିଙ୍ଗସ୍ ହାସଲ କରିଛି । ସେହିଭଳି ସ୍ପିନର୍ ଯଜୁବେନ୍ଦ୍ର ଚହଲ ଏବଂ ଅର୍ଶଦୀପ ସିଂହଙ୍କୁ ପଞ୍ଜାବ କିଙ୍ଗସ୍ ୧୮ କୋଟି ଲେଖାଏଁ ଟଙ୍କାରେ ନିଜ ଦଳରେ ସାମିଲ କରିଛି । କୋଲକାତା ନାଇଟ୍ ରାଇଡର୍ସ୍ ୨୩ କୋଟି ୭୫ ଲକ୍ଷ ଟଙ୍କାରେ ଭେଙ୍କଟେସ୍ ଆୟରଙ୍କୁ ନିଜ ପକ୍ଷକୁ ଆଣିପାରିଛି । ପ୍ରଥମ ଦିନରେ ଗତକାଲି ମୋଟ୍ ୭୨ ଜଣ ଖେଳାଳିଙ୍କର ନିଲାମ ହୋଇଥିଲା ।  ଆଜି ଦ୍ୱିତୀୟ ତଥା ଅନ୍ତିମ ଦିନରେ ମଧ୍ୟ ୩୩ ଜଣ ଖେଳାଳିଙ୍କର ନିଲାମ ଶେଷ ହେବ ।